**ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଲଙ୍ଗଳେଶ୍ୱର,(କମଳାକାନ୍ତ ଦାସ)-ବାଲିଆପାଳ ବ୍ଲକ ପଞ୍ଚୁପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ସୁକାନ୍ତ ଗିରି, ମୁଖ୍ୟବକ୍ତା ଭାବେ ଲତାଯୋଡ଼ି ମହାବିଦ୍ୟାଳୟ ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦିଲୀପ କୁମାର ଗିରି, ପୂର୍ବତନ ସମିତି ସଦସ୍ୟ ଗୋପାଳ ଚନ୍ଦ୍ର ଦାସ, ପଞ୍ଚୁପାଲି କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ ଯୋଗ ଦେଇଥିଲେ।

## ବାଲେଶ୍ୱର

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

### ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ଅଗ୍ରଗତି ଉପରେ ଆଲୋଚନା

**ବାଲେଶ୍ୱର, ୧୨।୨(ମାନସ ବିଶ୍ୱାଳ)**



ବାଲେଶ୍ୱରଜିଲାରେମୁଣାବ୍ଲକନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଶା ଫିଜିକାଲ୍ ସୋସାଇଟିର ୪୦ତମ ବାର୍ଷିକ ସମ୍ମିଳନୀ ଓ ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି।

ଛାତ୍ରୀଛାତ୍ରଙ୍କ ନିମନ୍ତେ ବେଙ୍ଗାଲୁରୁସ୍ଥିତ ଏମଏଲଏ କଲେଜ ପ୍ରଫେସର ଏସ୍. ସାହୁ ଏକ ପ୍ରଧାପନା ଉପସ୍ଥାପନା କରିଥିଲେ। ସାଧାରଣ ଆଲୋଚନା ଅଧିବେଶନରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ସହଯୋଗୀ ନିର୍ଦ୍ଦେଶକ ଡ. ନିଳାଦ୍ରୀ ରାଏ, ୟୁନିଭର୍ସିଟି ଅଫ ମେରିଲ୍ୟାଣ୍ଡ ସ୍କୁଲ ଅଫ ମେଡିସିନର ଡା. ନୃସିଂହ ସି. ବିଶ୍ୱାଳ, ବିଏଆର୍‌ସି ମୁମ୍ବାଇର ବୈଜ୍ଞାନିକ ଡ. ପ୍ରକାଶ ଚନ୍ଦ୍ର ରାଉତ, ଆର୍‌ଆର୍‌ସିଏଟି ଇନ୍ଦୋରର ବୈଜ୍ଞାନିକ ଡ. ସୂର୍ଯ୍ୟପ୍ରକାଶ ରାମ ପ୍ରମୁଖ ପଦାର୍ଥ ବିଜ୍ଞାନ ଓ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ଅନୁଷ୍ଠିତ ସାଧାରଣ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ସଂଯୋଜକ ପ୍ରଫେସର ଏମ୍‌ସି ଅଧିକାରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଆର୍ ପାଇକରାୟ, ଡ. ଜେକେ ନାୟକ (ଭିଇସିସି), ଡ. ବି. ନାୟକ (ଏଫ୍ଏମ୍‌ୟୁ), ପ୍ରଫେସର ଜି. ନାଥ (ଭିଏସ୍ଏସ୍‌ୟୁଟି) ଓ ଏଚ୍. ବି. ନାୟକ (ଏଫ୍ଏମ୍‌ୟୁ) ପ୍ରମୁଖ ଉପସ୍ଥିତ ହୋଇ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଓଡ଼ିଶା ତଥା ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇଥିଲେ। ସମ୍ମିଳନୀକୁ ଡ. ସନ୍ତୋଷ କୁମାର ଅଗ୍ରୱାଲା, ଡ. ଡିକେ ମିଶ୍ର ଓ ଡ. ଆର ବିଶ୍ୱାଳ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ସମ୍ମୁଖରେ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜିତ ହୋଇଥିବା ବେଳେ ମିଶାଇଲ୍ ଟେକ୍ନୋଲୋଜିର ଯନ୍ତ୍ର ଏବଂ ମଡ଼େଲଗୁଡ଼ିକର ପ୍ରଦର୍ଶନୀ ସ୍ନାତକ ପରିଷଦ ସମ୍ମିଳନୀ କକ୍ଷ-୨ରେ କରାଯାଇଥିଲା। ଏଥିରେ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ବିଶେଷଜ୍ଞ ତଥା ଅଧିକାରୀମାନେ ପ୍ରଦର୍ଶନୀରେ ଉପସ୍ଥିତ ହୋଇ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ପ୍ରତିରକ୍ଷାରେ ନିୟୋଜିତ ଯନ୍ତ୍ରର ବ୍ୟବହାର ବିଷୟରେ ଦର୍ଶକମାନଙ୍କୁ ସୂଚନା ଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ସଚେତନତା ଶିବିରରେ ଅତିଥିଗଣ।

**କାଳିପଦା, ୧୨।୨(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ କରିବା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ରବିବାର ରାବଣ ପୋଡି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ସାହୁ, ବ୍ଲକ ଚେୟାରମ୍ୟାନ ରଞ୍ଜିତା ନାୟକ, ସ୍ଥାନୀୟ ଯୁବନେତା ରବିନ୍ଦ୍ର ନାଥ ଅଣ୍ଡିଆ, ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନା, ସଦସ୍ୟ ସୁଶାନ୍ତ ସେଠୀ, ଦେଉଳା ସରପଞ୍ଚ ସରୋଜ ପିଳା, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, କୁମ୍ଭାରୀ ସରପଞ୍ଚ ପ୍ରତିନିଧି ଜୟନାରାୟଣ ମହାପାତ୍ର, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ଦେଉଳା ପଞ୍ଚାୟତର ବିଜେଡି ସଭାପତି ଅନନ୍ତ ବିଶ୍ୱାଳ ଓ ସାମାଜିକ କର୍ମୀ ସୁଶାନ୍ତ ଗିରି ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହିତ ଏଲ୍‌ଇଡ଼ି, ପାଲା ଗୀତ ମାଧ୍ୟମରେ ସରକାରଙ୍କ ଯୋଜନାରେ ସାମିଲ ହେବା ପାଇଁ କହିଥିଲେ। ଏଥିରେ ଅଙ୍ଗନୱାଡ଼ି ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶା ଦିଦି ସ୍ୱର୍ଣ୍ଣଲତା ଗିରି ୧୦ ଜଣଙ୍କ ମଧ୍ୟରୁ ସିଙ୍ଗାପୁର ଯିବା ପାଇଁ ଚୟନ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପିଇଓ ସୁଜୟ କୁମାର ସି ପରିଚାଳନା କରିଥିଲେ।

# ଭୋଗରାଇକୁ ଏମ୍‌ପି ପାଣ୍ଠିରୁ ୧.୮୩ କୋଟି ଟଙ୍କା ଅନୁଦାନ

**ଭୋଗରାଇ, ୧୨।୨(ପ୍ରଦୀପ ଦାସ)**

ଭୋଗରାଇ ବ୍ଲକକୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ନିଜସ୍ୱ ପାଣ୍ଠିରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୧କୋଟି ୮୩ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ଦେଇଛନ୍ତି। ଏମ୍‌ପି ସୋମବାର ତୋଫାନୀ ଗସ୍ତ କରି ବାରବାଟିଆସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ୧୦ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଏମ୍‌ପି ପ୍ରତିନିଧି ଆଶିଷ କୁମାର ମହାନ୍ତି, ଭାଜପା ନେତା ଅଂଶୁମାନ ମହାନ୍ତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖଟୁଆ, ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ାଙ୍କ ସହ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଏମ୍‌ପି ସେଠାରୁ ଫେରି ସୁନୀତା ମେମୋରିଆଲ ହରିଜନ ଆଦିବାସୀ ଆଶ୍ରମ ସ୍କୁଲର ନୂତନ ଶ୍ରେଣୀଗୃହ ନିମନ୍ତେ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ।

# ଭାଗବତ କଥା ମହୋତ୍ସବ ଉଦ୍‌ଘାଟିତ

**ରୂପସା, ୧୨।୨(ବାଞ୍ଛାନିଧି ଦେ)**

ଆଧ୍ୟାତ୍ମିକ ଚେତନା ବଳରେ ସମାଜରେ ଶାନ୍ତି ସ୍ଥାପନ ହୋଇଥାଏ। ସେବା, ତ୍ୟାଗ ଓ ଭକ୍ତି ମାଧ୍ୟମରେ ଭଗବାନଙ୍କୁ ପ୍ରାପ୍ତି ହୋଇଥାଏ ବୋଲି ଭାଗବତ କଥା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ପ୍ରବଚକ ତଥା ସାଧୁ ଶ୍ରୀ ବିଜୟ ରାଘବେନ୍ଦ୍ର ଦାସ ମହାରାଜ କହିଛନ୍ତି। ବାଲେଶ୍ୱର ସଦର ବ୍ଲକ ରୂପସା ପାଟପୁର ବଜାର ଗୋଛାୟତ କମ୍ପ୍ଲେକ୍ସରେ ଆୟୋଜିତ ୭ଦିନିଆ ଭାଗବତ କଥା ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସକାଳେ ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ହୀରାପୁର ଗ୍ରାମ ପୋଖରୀରୁ ଘଟଉତ୍ତୋଳନ କରାଯାଇ ମଣ୍ଡପରେ ଘଟରୋପଣ ହୋଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ ପରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ଯୋଗ ଦେଇଥିଲେ।

# ବାଲେଶ୍ୱର ଆଇନ ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ଉଦ୍‌ଘାଟିତ

**ବାଲେଶ୍ୱର, ୧୨।୨(ମାନସ ବିଶ୍ୱାଳ)**




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀ ଓ ଅନ୍ୟ ଅତିଥିଗଣ।

ବାଲେଶ୍ୱର ସହର ଉପକଣ୍ଠସ୍ଥିତ ବଣପାରିଆଠାରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ, ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର କ୍ୟାମ୍ପସକୁ ଉଦ୍‌ଘାଟନ କରି ଆଇନ ଶିକ୍ଷାକୁ ଠିକ୍ ଭାବେ ଗ୍ରହଣ କଲେ ଭଲ ନାଗରିକ ହୋଇପାରିବ ବୋଲି କହିଥିଲେ। ଆଇନ ମହାବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ସମାଜର ତୃଣମୂଳସ୍ତରର ସାଧାରଣ ଜନତାଙ୍କୁ ସୁବିଧାରେ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ।

ମହାବିଦ୍ୟାଳୟ ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରି ନୂତନ କ୍ୟାମ୍ପସର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ନିର୍ଦ୍ଦେଶକ ମଧୁସୂଦନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡକ୍ଟର) କମଳଜିତ ସିଂହ ଯୋଗଦେଇ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ରାଜ୍ୟର ସମସ୍ତ ଆଇନ ମହାବିଦ୍ୟାଳୟ ତୁଳନାରେ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ଅନନ୍ୟ ବୋଲି ଅଭିହିତ କରିଥିଲେ। ନୂତନ କ୍ୟାମ୍ପସରେ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ଉପସ୍ଥାନ ଜାହିର ସହ ଅଧିକରୁ ଅଧିକ ଶିକ୍ଷାଗ୍ରହଣର ସୁବିଧା ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ଓ ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପ୍ରଥମ ବ୍ୟାଚ ଛାତ୍ର କବି ପ୍ରଶାନ୍ତ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜର ନୂତନ ଶୌଧ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନିର୍ମାଣକାରୀ ସଂସ୍ଥାଗୁଡ଼ିକର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ୩ୟ ଲାଇନ୍ କାର୍ଯ୍ୟର ସମୀକ୍ଷା

### ଜଳେଶ୍ୱର ରେଳଷ୍ଟେଶନରେ ଦକ୍ଷିଣପୂର୍ବ ରେଳପଥ କର୍ମକର୍ତ୍ତା

**ଜଳେଶ୍ୱର, ୧୨।୨(ରବିନାରାୟଣ ପାତ୍ର)**

ସୋମବାର ମଧ୍ୟାହ୍ନରେ ଦକ୍ଷିଣ-ପୂର୍ବ ରେଳ ପଥର ମୁଖ୍ୟ ପ୍ରବନ୍ଧକଙ୍କ ସହିତ ବହୁ ପଦାଧିକାରୀ ଓ ଖଡଗପୁର ଡିଭିଜନ୍‌ର ଡିଆର୍‌ଏମ୍ ଜଳେଶ୍ୱର ରେଳଷ୍ଟେଶନରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ତଦନ୍ତ ଓ ୩ୟ ଲାଇନ୍ ନିର୍ମାଣର ସମୀକ୍ଷା କରିଥିଲେ। ଜଳେଶ୍ୱର ଅଞ୍ଚଳର କୌଣସି ଅନୁଷ୍ଠାନ, ବ୍ୟକ୍ତିବିଶେଷ, ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଏ ସମ୍ପର୍କରେ ପୂର୍ବରୁ ସୂଚନା ମିଳି ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଜଳେଶ୍ୱରରେ ପୂର୍ବରୁ ଅଟକୁଥିବା ୪ଟି ଟ୍ରେନର ପୁନଃ ରହଣି ଓ ପୂର୍ବ ସୁବିଧାସୁଯୋଗ ମିଳୁ ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ଜଳେଶ୍ୱର ଉନ୍ନୟନ କମିଟି ସଭାପତି ସୂଚନା ଦେଇଛନ୍ତି।

ରେଳବାଇର କୋଲକାତା ଗାର୍ଡେନ ରିଚସ୍ଥିତ ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ରେଳବାଇର ପ୍ରମୁଖ କର୍ମକର୍ତ୍ତା ଖଡଗପୁର ରେଳ ଡିଭିଜନର ଡିଆରଏମ୍ କେ.ଆର ଚୌଧୁରୀ ପ୍ରମୁଖ ଖଡଗପୁର-ବାଲେଶ୍ୱର-ରାଣିତାଲ ଗଲା ବେଳେ ଜଳେଶ୍ୱରରେ ଅଟକିଥିଲେ। ସେମାନେ ୩ୟ ରେଳଲାଇନ୍ ସମ୍ପର୍କରେ ସମୀକ୍ଷା କରିଥିଲେ। ୩ୟ ଲାଇନ୍ ନିର୍ମାଣ ଓ ଜଳେଶ୍ୱର ରେଳଷ୍ଟେଶନର ପ୍ରଶାସନିକ ଭବନ ଅତିଶୀଘ୍ର ନିର୍ମାଣ ସମ୍ପର୍କରେ ବୁଲି ଦେଖିଥିଲେ। ପଶ୍ଚିମବାର୍ଡ ରାସ୍ତାରେ ରେଳ ଟିକେଟ କାଉଣ୍ଟର ଏବଂ ଜଳେଶ୍ୱରରେ ଅଧିକ କାଉଣ୍ଟର ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ଏନେଇ ଜଳେଶ୍ୱରର ବିଭିନ୍ନ ସଙ୍ଗଠନକୁ ନେଇ ଗଠିତ ଜଳେଶ୍ୱର ଉନ୍ନୟନ କମିଟି କ୍ଷୋଭ ପ୍ରକାଶ କରିଛି। ସଭାପତି ସୁଧୀର କୁମାର ମହାନ୍ତି ଆସନ୍ତା ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ ହେବ ବୋଲି ପ୍ରକାଶ କରିଛନ୍ତି। ସମ୍ପାଦକ ରାମଚନ୍ଦ୍ର ଜେନା ଓ ଜଳେଶ୍ୱର ସହରର ୧୧ଟି ଅନୁଷ୍ଠାନର କର୍ମକର୍ତ୍ତାମାନେ ମହାପ୍ରବନ୍ଧକ, ଡିଆରଏମ୍‌ଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି।

## ମୟୂରଭଞ୍ଜ

# ୨୬ରୁ ଉଦଳା ସରସ୍ୱତୀ ମେଳା

**ଉଦଳା,୧୨।୨
(ସନ୍ତୋଷ କୁମାର ବାଛିନୀ)**

ବାଣୀପୀଠ ଉଦଳା ବେଶ ଚଳଚଞ୍ଚଳ ହୋଇ ଉଠିଛି। ଆଉ ମାତ୍ର ଗୋଟିଏ ଦିନ ପରେ ଦେବୀ ସରସ୍ୱତୀଙ୍କ ପୂଜା। ସେଥିପାଇଁ ଉଦଳା ସରସ୍ୱତୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଚଳିତ ବର୍ଷ ସରସ୍ୱତୀ ମେଳା ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୪ ତାରିଖରେ ସରସ୍ୱତୀ ପୂଜା ଥିବା ବେଳେ ଆସନ୍ତା ୨୬ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଐତିହାସିକ ଉଦଳା ସରସ୍ୱତୀ ମେଳା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ମେଳା କମିଟିର ସଭାପତି ଆଇନଜୀବୀ ବସନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ବୈଠକରେ ମେଳା କମିଟିର ସଭାପତି ପରିଡା, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା. ଉପନଗରପାଳ ଲିଲି ଭୋଳ, ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି, ପୂର୍ବତନ ମେଳା କମିଟି ସଭାପତି ସନ୍ତୋଷ ବେହେରା, ସମ୍ପାଦକ ରବିନ୍ଦ୍ର ପରିଡା, ତହସିଲଦାର ସତ୍ୟଜିତ୍ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଛୋଟ ବଡ ବ୍ୟବସାୟୀ, ମୀନା ବଜାର, ଦୋଳିର ପସରା ମେଳିବ ବୋଲି ସୂଚନା ମିଳିଛି।



ବୈଠକରେ ଉପସ୍ଥିତ ଅଧିକାରୀ ଓ ମେଳା କମିଟି କର୍ମକର୍ତ୍ତା।

# ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ



ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଡ୍ରିଲିଂ କରାଯାଉଛି।

**ବାଙ୍ଗିରିପୋଷି,୧୨।୨(ସଞ୍ଜୟ କୁମାର ଅଗ୍ରୱାଲା)**

ବାଙ୍ଗିରିପୋଷି ବ୍ଲକ ଅଧୀନ ୪୯ ନଂ. ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ପାହାଡ଼ରେ ପ୍ରଥମେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ବ୍ଲାଷ୍ଟିଙ୍ଗ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯିବ ବୋଲି ସୂଚନା ମିଳିଛି।

ମରଣଯନ୍ତା ପାଲଟିଥିବା ଏହି ଘାଟି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଗତ ୨ତାରିଖରେ ମୟୂରଭଞ୍ଜର ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଦୀର୍ଘ ୪ ଘଣ୍ଟା ଆନ୍ଦୋଳନ ପରେ ବାପିପଦା ସଦର ଉପ ଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଏବଂ ସଦର ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଗଣଶିକ୍ଷା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସମୀକ୍ଷା ବୈଠକରେ ପାରିତ ହୋଇଥିବା ଘାଟିରାସ୍ତାର ପ୍ରଶସ୍ତୀକରଣ ସହ ମରାମତି ଏବଂ ବିଭିନ୍ନ ସମସ୍ୟା ଅତିଶୀଘ୍ର ସମାଧାନ କରାଯିବା ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ କେବଳ ଡ୍ରିଲିଂ ଓ ବ୍ଲାଷ୍ଟିଂ ଲାଗି ୨ରୁ ୩ ମାସ ସମୟ ଲାଗିବ ବୋଲି ରାସ୍ତା ନିର୍ମାଣକାରୀ କମ୍ପାନୀ ସୂଚନା ଦେଇଛି।

# ବନ୍ଧୁମିଳନ ଓ ପୂଜ୍ୟପୂଜା ସମାରୋହ

**ଉଦଳା,୧୨।୨(ସନ୍ତୋଷ କୁମାର ବାଛିନୀ)**

ଉଦଳାର ଯୁବ ପ୍ରତିଭାମାନଙ୍କୁ ନେଇ ସୋମବାର ଏକ ବନ୍ଧୁମିଳନ ଓ ପୂଜ୍ୟପୂଜା ସମାରୋହ କାର୍ଯ୍ୟକ୍ରମ ସ୍ଥାନୀୟ ଅତୁଲ ବାବୁଙ୍କ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଉଦଳା ଥାନା ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ସଭାସ୍ଥଳରେ ପହଞ୍ଚିଥିଲା। ହରିପ୍ରସାଦ ଭଞ୍ଜବାବୁଙ୍କ ସଭାପତିତ୍ୱରେ ମୁକ୍ତିକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ଦାସ, ଚିତ୍ରଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମ୍, ଭଗବାନ ମହାପାତ୍ର ଏବଂ ଆଦର୍ଶ ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ବନ୍ଧୁ ଏକତ୍ରିତ ହୋଇ ରହିବା ବୋଲି ମୁଖ୍ୟ ପୁରୋଧା ମୁକ୍ତିକାନ୍ତ ନାୟକ ଆହ୍ୱାନ ଦେଇଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ବାରିପଦା,୧୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଦେଇ ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଯଶିପୁର ପୋଲିସ ୩୦ ଲକ୍ଷ ଟଙ୍କା ମୂଲ୍ୟର ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ କରିଛି। ସୂଚନାଯୋଗ୍ୟ,ଟଙ୍ଗାବିଲା ନିକଟରେ ଯଶୀପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁଝର ପଟୁ ଆସୁଥିବା ଏକ ଫର୍ଚୁନର କାର୍ ହଠାତ୍ ୨୨୦ନଂ. ଜାତୀୟ ରାଜପଥ ଦେଇ କରଞ୍ଜିଆ ଆଡ଼କୁ ଦ୍ରୁତ ଗତିରେ ଚାଲିଯାଉଥିଲା। ପୋଲିସ ସନ୍ଦେହ କରି ଗାଡ଼ିକୁ ପିଛା କରୁଥିବା ବେଳେ ଟଙ୍ଗାବିଲା ଜଙ୍ଗଲ ନିକଟରେ ଗାଡ଼ି ଛାଡି ୩ ଗଞ୍ଜେଇ ବେପାରୀ ଚମ୍ପଟ ମାରିଥିଲେ। ଏନେଇ ଯଶିପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ସପ୍ତାହକ ତଳେ ମୟୂରଭଞ୍ଜ ପୋଲିସ ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲା।

# ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମୋରଡ଼ା,୧୨।୨(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ କାର୍ଯ୍ୟରତ ପୂର୍ବତନ ବିଡିଓ ଜୟକୃଷ୍ଣ ପାତ୍ରଙ୍କ ବଦଳି ପରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ନୂତନ ବିଡିଓଙ୍କୁ ସ୍ୱାଗତ କରାଯାଇଛି। ବ୍ଲକ କନଫରେନ୍ସ ହଲ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ତହସିଲଦାର ଉତ୍ତମ କୁମାର ଜେନା, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଡିଓ ପାତ୍ରଙ୍କ କାର୍ଯ୍ୟଶୈଳୀକୁ ଜନପ୍ରତିନିଧି ତଥା ସମସ୍ତ କର୍ମଚାରୀ ପ୍ରଶଂସା କରିବା ସହ ନୂତନ ବିଡିଓ ଅଣାକର ନାଏକଙ୍କୁ ସ୍ୱାଗତ ଜଣାଇଥିଲେ।



ତହସିଲଦାର, ନୂତନ ଓ ପୂର୍ବତନ ବିଡିଓଙ୍କ ସହ କର୍ମଚାରୀମାନେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଇରଙ୍ଗପୁର,୧୨।୨(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ଜନ ଶୁଣାଣିକାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପଜିଲାପାଳ ସରୋଜ କୁମର ଦାଶ, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ରିନ୍ଦର କୁମାର ମାରାଣ୍ଡି ଏବଂ ରାଇରଙ୍ଗପୁର ପୋଲିସ ସର୍କଲ ଅଧିକାରୀ ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଇରଙ୍ଗପୁର ଉପଖଣ୍ଡ ବିଭିନ୍ନ ଗ୍ରାମ ଅଞ୍ଚଳ ଜନ ସାଧାରଣ ଙ୍କ ସର୍ବମୋଟ ୧୫୧ ଟି ବିଭିନ୍ନ ସମସ୍ୟା ଅଭିଯୋଗ ଜନ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୦୯ଟି ବ୍ୟକ୍ତିଗତ ସମସ୍ୟା ଏବଂ ୪୨ଟି ସାମୁହିକ ବିଭିନ୍ନ ସମସ୍ୟା ଅଭିଯୋଗ ଶୁଣାଣି କରାଯାଇଛି।

# ଶିକ୍ଷକ ଦମ୍ପତିଙ୍କୁ ଆକ୍ରମଣ

**ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ ମଡୁଆଲ)/ଉଦଳା (ସନ୍ତୋଷ ବାଛିନୀ),୧୨।୨**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଗଡିଗାଁ ପଞ୍ଚାୟତରେ ଶିକ୍ଷକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗଡ଼ିଗାଁ ପଞ୍ଚାୟତ କଟରାଶୋଲ ଗ୍ରାମର ଦୁଲାରାମ ହାଁସଦା ଉଦଳା ଥାନା ଅଧିନ ନୂଆଗାଁ ପଞ୍ଚାୟତ ଫୁଲବାଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ମାଣିକେଶରୀ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତର ମାଟିହୁଡ଼ି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ଉଭୟ ସୋମବାର ନିଜଘର କଟରାଶୋଳରୁ ବାଇକ୍ ଯୋଗେ ବିଦ୍ୟାଳୟ ଅଭିମୁଖେ ଯାଉଥିଲେ। ମାତ୍ର ଘରଠାରୁ ଅନତି ଦୂରରେ ଥିବା କଟାରାଶୋଳ ଗ୍ରାମଛକରେ ପୂର୍ବରୁ ଏକ ପଲସର ବାଇକ୍ ଯୋଗେ ଆସି ଜଗି ରହିଥିବା ୩ ଯୁବକ ସେମାନଙ୍କୁ ଏକ ଭୁଜାଲିରେ ମାରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଉଭୟ ଗୁରୁତର ହୋଇ ରାସ୍ତାରେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟଲୋକେ ଦମ୍ପତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ କରାଯାଇଥିବା ସୂଚନା ମିଳିଛି।

# ଦେହରେ ନିଆଁ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୧୨।୨(ମାନସ ମହାନ୍ତି )**

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଟୁଆପାଣି ପଞ୍ଚାୟତ ରଗିମୋରା ଗ୍ରାମର ବୈଦ୍ୟନାଥ ମୁର୍ମୁ (୪୦) ରବିବାର ବିଳମ୍ବ ରାତିରେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ସୋମବାର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ବୈଦ୍ୟନାଥଙ୍କ ସ୍ତ୍ରୀ ହିରାମଣୀଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୪) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

# ପୋଡ଼ିହୋଇ ମହିଳା ଗୁରୁତର

ବୈଶିଙ୍ଗା,୧୨।୨(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ କସିପଦା ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ସ୍ତ୍ରୀ ଶଶିକଳା ସୋମବାର ସନ୍ଧ୍ୟାରେ ଏକ କାଠ ଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ନିଆଁ ଲାଗି ପୋଡ଼ି ଯାଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ଅବସ୍ଥା ଗୁରତର ହେବାରୁ ବାଲେଶ୍ୱର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ କମାରଯୋଡ଼ାଠାରେ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଯୁବକ ଜଣଙ୍କ ଯୋଡ଼ା ଅଞ୍ଚଳର ରାଜେଶ ପାତ୍ର (୨୪)। ସେ ଗାଧୁଆ ଘରକୁ ଗାଧୋଇବା ପାଇଁ ଯାଇ ବହୁ ସମୟ ଧରି ବାହାରି ନ ଥିଲେ। ପରିବାର ଲୋକେ ସନ୍ଦେହ କରି କବାଟ ଭାଙ୍ଗିଥିଲେ। ଘର ଭିତରେ ରାଜେଶ ପାତ୍ରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା କହୁଥିବା ବେଳେ ଏକ ମାମଲା (ନଂ. ୬/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ୧୫ରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

#### ୬୦ ଷ୍ଟଲ୍‌, ଆୟୁର୍ବେଦ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର,୧୨।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ମହକୁମାର କାଳୀପଡ଼ିଆଠାରେ ଫେବୃୟାରୀ ୧୫ରୁ ୧୯ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେବ। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ ସୋମବାର ସୂଚନା ଦେଇଛନ୍ତି। ଆଞ୍ଚଳିକ ହର୍ବାଲ ମେଳାରେ ୬୦ଟି ଷ୍ଟଲ ହେବା ସହ ଆୟୁର୍ବେଦ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତରମାନେ ଅଂଶଗ୍ରହଣ କରିବେ, ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହାର ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରହିଥିବା ବେଳେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡର ମୁଖ୍ୟ ନିର୍ବାହୀ ଅଧିକାରୀ, ରାଜ୍ୟ ବନୌଷଧି ସଂଘର ସଭାପତି, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ଯୋଗ ଦେବେ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି। ସୋମବାର ଅପରାହ୍ଣରେ କେନ୍ଦୁଝର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓଙ୍କ ସମେତ ଏମ୍‌ଡିଏଫ୍‌ ଅଜିଜ ଖାନ(ଆଇଏଫଏସ), ଏସିଏଫ ଅଶୋକ କୁମାର ଦାସ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ ହର୍ବାଲ ମେଳା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପ୍ରଚାର ରଥ ମଧ୍ୟ ବିଭିନ୍ନ ସ୍ଥାନକୁ ପରିକ୍ରମା କରୁଛି।

### ବିକାଶ ହେଲେ ଯୁବ-ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ



ଭଦ୍ରକ,୧୨।୨(ସନାତନ ରାଉତ): ଯୁବ-ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ଭାବେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଅଣ୍ଡିଆ ଗ୍ରାମର ବିକାଶ ଧଳ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ରାଜ୍ୟ ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦଳ ତାଙ୍କ ଉପରେ ଯେଉଁ ବିଶ୍ୱାସ ଓ ଭରସା ରଖି ଗୁରୁଦାୟିତ୍ୱ ଦେଇଛି, ତାହା କେବେ ବ୍ୟର୍ଥ ହେବାକୁ ଦେବେ ନାହିଁ। ଦଳ ପକ୍ଷରୁ ଯାହା ନିର୍ଦ୍ଦେଶ ମିଳିବ, ସୁଚାରୁ ରୂପେ ପାଳନ କରିବେ ବୋଲି ସେ କହିଛନ୍ତି।

# ‘ଗ୍ରାମର ସାମାଜିକ, ଅର୍ଥନୈତିକ ବିକାଶରେ ସହାୟକ ହେବ’

- କେନ୍ଦୁଝରରେ ଗଡ଼ିଲା ୨୫ ଲକ୍ଷ୍ମୀ ବସ୍‌
- ୧୫୮ ପଞ୍ଚାୟତର ୧.୮ ଲକ୍ଷ ଲୋକ ଉପକୃତ ହେବେ

କେନ୍ଦୁଝର,୧୨।୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ମଞ୍ଚରେ ଉପସ୍ଥିତି ଜିଲାର ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିମାନେ।

କେନ୍ଦୁଝର ଜିଲା ସମେତ ୫ ଜିଲାରେ ଘରେ ଘରେ ଲକ୍ଷ୍ମୀ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲାରେ ୨୫ ଲକ୍ଷ୍ମୀ ବସ୍‌ ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ଜିଲାର ୧୫୮ ପଞ୍ଚାୟତର ୧ଲକ୍ଷ ୮୦ ହଜାର ଲୋକ ଉପକୃତ ହେବେ ବୋଲି ସୂଚନା ମିଳିଛି।

ସ୍ଥାନୀୟ ଧରଣୀଧର ମେଡ଼ିକାଲ କଲେଜ ନିକଟ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ କହିଥିଲେ, ଲକ୍ଷ୍ମୀ ବସ ଜିଲାରେ ଗ୍ରାମର ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହା ଦ୍ୱାରା ପିଲାମାନେ କଲେଜ ଯିବେ, ରୋଗୀ ମେଡ଼ିକାଲ ଓ ଚାଷୀମାନେ ବଜାର ଯାଇ ବିକ୍ରିବଟା କରିବାର ସୁବିଧା ପାଇବେ। ଲୋକେ ସୁବିଧାରେ ଜଗନ୍ନାଥଙ୍କ ଦର୍ଶନ କରିପାରିବେ। ପର୍ଯ୍ୟାୟ କ୍ରମେ ଫେବୃଆରୀ ସୁଦ୍ଧା ସବୁ ଜିଲାରେ ଏହି ସେବା ଆରମ୍ଭ ହେବ। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ, ଏହି ସେବା ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ସୁଗମ ହେବ। ଏଥିପାଇଁ ଯାତାୟାତ ସୁରକ୍ଷା ପାଇଁ ଦକ୍ଷତା ସମ୍ପନ୍ନ ଚାଳକଙ୍କୁ ନିୟୋଜିତ କରାଯାଇଛି। ଲୋକଙ୍କୁ ସୁବିଧା, ସୁରକ୍ଷା, ସମ୍ମାନ ଦେଲେ ପ୍ରକୃତ ଲକ୍ଷ୍ମୀ ବଢ଼ିବ। ଏଥିସହ ମା’ମାନଙ୍କ ଅନୁରୋଧ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ୍‌ ରାଶିକୁ ବଢ଼ାଇଛନ୍ତି। ଖୁବ୍‌ ଶୀଘ୍ର ମିଶନ ଶକ୍ତି ମା’ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ଲୋନ୍‌ ବ୍ୟବସ୍ଥା କରିବେ ବୋଲି କହିଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ କାଉନ୍‌ସିଲର ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପରିବହନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଜିଲାପାଳ ବିଶାଳ ସିଂ ଉପସ୍ଥିତ ଥିଲେ। ଘସିପୁରା ବିଧାୟକ ଓ ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାୟକ ଅଭିଭାଷଣ ଦେଇ ସରକାରଙ୍କଉଦ୍ୟମକୁପ୍ରଶଂସାକରିଥିଲେ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଯୋଡ଼ା,୧୨।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ସତ୍‌ସଙ୍ଗ ବିହାର ପକ୍ଷରୁ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ ତଥା ସତସଙ୍ଗ ବିହାର ୧୭ତମ ଉଦ୍‌ବୋଧନୀ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ସତ୍‌ସଙ୍ଗ ବିହାରର ମୁଖ୍ୟ ତଥା ସହପ୍ରତି ମଦନମୋହନ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାତଃ କାଳରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା ସମାପନ ପରେ ପ୍ରାତଃ ୮ ଟାରେ ଶ୍ରୀଶ୍ରୀ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ନଗର ପରିକ୍ରମା କରାଯାଇଥିଲା। ପରେ ସତସଙ୍ଗ ବିହାର ପରିସରରେ ଏକ ନାମ ସଂକୀର୍ତ୍ତନ ସତସଙ୍ଗର ଆୟୋଜନ କରାଯାଇଥିଲା। ଏଥିରେ ଶଙ୍କର ପ୍ରସାଦ ସାହା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ। ପ୍ରାୟ ୪୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଓ ଅନୁରାଗୀ ଯୋଗଦେଇ ପବିତ୍ର ସତସଙ୍ଗରେ ନିଜକୁ ସାମିଲ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ପୂର୍ବଶତ୍ରୁତାକୁ ନେଇ ଗୋଷ୍ଠୀସଂଘର୍ଷ, ଉତ୍ତେଜନା

ଖଇରା, ୧୨।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୁଡିଗଡିଆ ଗ୍ରାମରେ ଗୋରୁ ଗାଡି ଅଟକକୁ କେନ୍ଦ୍ର କରି ତୁଡିଗଡିଆ ଓ ଡାଲଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି । ଖଇରା ପୋଲିସ ତୁଡିଗଡିଆ ଗ୍ରାମର ୨ଜଣଙ୍କୁ ଅଟକ ରଖିଛି। ଉତ୍ୟକ୍ତ ଡାଲଙ୍ଗ ଗ୍ରାମବାସୀ ସୋମବାର ସନ୍ଧ୍ୟାରେ ତୁଡିଗଡିଆ ବଜାରର କିଛି ବାସିନ୍ଦାଙ୍କ ଘରକୁ ଘେରି ରହିଛନ୍ତି। ଖଇରା ଥାନା ଆଇଆଇସି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରେ ବିଫଳ ହେବା ପରେ ଅଧିକ ଫୋର୍ସ ପାଇଁ ଜିଲା ପୋଲିସକୁ ଜଣାଇଛି। ରାତି ୧୦ଟା ସୁଦ୍ଧା ଉତ୍ତେଜନା ଥମି ନାହିଁ।

# ୩୮୬ ପଞ୍ଚାୟତରେ ଗଡ଼ିଲା ଲକ୍ଷ୍ମୀ ବସ୍‌

## ଉପକୃତ ହେବେ ୨୪ଲକ୍ଷ ୨୦ହଜାର ଲୋକ

ବାରିପଦା,୧୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମନ୍ତ୍ରୀ ସୁଦାମ ମାର୍ଣ୍ଡି ଲକ୍ଷ୍ମୀ ବସ୍‌ରେ ଯାତ୍ରା କରୁଛନ୍ତି।

ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରେ ଥିବା ୪୦୪ ପଞ୍ଚାୟତ ମଧ୍ୟରୁ ୩୮୬ଟି ପଞ୍ଚାୟତରେ ମୋଟ ୧୦୭ଟି ଲକ୍ଷ୍ମୀବସ ଗଡ଼ିଛି। ସୋମବାର ଜିଲା ପ୍ରଶାସନ ପକ୍ଷରୁ ବାରିପଦାସ୍ଥିତ ଛଉ ପଡ଼ିଆରେ ଏହି ଲୋକାଭିମୁଖି ଯୋଜନାର ଲୋକାର୍ପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୧୦ହଜାରରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇ ବସ୍‌ ସେବା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ବସ୍‌ ଚଳାଚଳ ଦ୍ୱାରା ଜିଲାର ୨୪ଲକ୍ଷ ୨୦ହଜାର ଲୋକ ଉପକୃତ ହୋଇପାରିବେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ବସ୍‌ ଚଳାଚଳର ସୁବିଧା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ଯୋଜନାର ଲୋକାର୍ପଣ କରିଥିଲେ। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରିଛନ୍ତି। ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍‌ ଯୋଜନା ପ୍ରସ୍ତୁତ କରାଯାଇଛି। ଲକ୍ଷ୍ମୀ ବସ୍‌ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ସୁଦୃଢ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରତି ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଉପସ୍ଥିତ ରହି ଯୋଗାଯୋଗର ସୁବିଧା ରହିଲେ ବିକାଶ ସମ୍ଭବ ବୋଲି କହିଥିଲେ। ଲକ୍ଷ୍ମୀ ବସ୍‌ ଯୋଜନା ଗ୍ରାମାଞ୍ଚଳର ଜନଜୀବନକୁ ସୁଗମ କରିଛି ବୋଲି ମହିଳା ଓ ଶିଶୁ ବିକାଶ ତଥା ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଢେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ଓ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକ୍‌ରେ, ଏସପି ଏସ୍‌.ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି ଅବସରରେ ଜିଲାର ବଡ଼ସାହି ବ୍ଲକ ଅଧୀନ ଟଙ୍ଗାଶୋଳଠାରେ ଏକ ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଥିଲା । ମୋରଡା ବିଧାୟକ ଦାସ ଓ ମନ୍ତ୍ରୀ ହେମ୍ବ୍ରମ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ।

## ଆଦିବାସୀ ମେଳା ପରବ ଉଦ୍‌ଘାଟିତ

ରେମୁଣା, ୧୨।୨(ରବୀନ୍ଦ୍ର ମହାକୁଡ଼)– ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ସମସ୍ତ ଆଦିବାସୀ ଭାଇମାନଙ୍କୁ ନେଇ ଗଢ଼ା ଯାଇଥିବା ‘ଆଦିବାସୀ ଉନ୍ନୟନ କମିଟି ବଡ଼ପାଳ’ ତରଫରୁ ପରବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ କୁମାର ଦାସ ମଙ୍ଗରାଜ, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ପ୍ରତାପ ଚନ୍ଦ୍ର ପଣ୍ଡା, ବଡ଼ପାଳ ପଞ୍ଚାୟତ ସରପଞ୍ଚ ଇଂ. କମଳ ଲୋଚନ ପଣ୍ଡା, ସଭାପତି ସନ୍ତୋଷ କୁମାର ମାଝି, ସମ୍ପାଦକ ଜଳଧର ସିଂ ଯୋଗଦେଇ ଆଦିବାସୀ ସମ୍ପ୍ରଦାୟର ବିକାଶ ତଥା ତାଙ୍କର ଉତ୍ତରୋତ୍ତର ଉନ୍ନତି ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସୁନାରାମ୍‌ ମାଝି, ରଘୁନାଥ ମାଝି, ରମଣି ମାଝି, ଇନ୍ଦ୍ର ସିଂ, ମଦନ ମାଝି, ଦୁଲା ମାଝି ରିବୁ ସିଂ, ପିଠ ସିଂଙ୍କ ସମେତ ସମସ୍ତ ଆଦିବାସୀ କମିଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଔପଦା ଡାକ୍ତରଖାନାର ଉନ୍ନତୀକରଣ ପାଇଁ ବୈଠକ

ଔପଦା, ୧୨।୨(ଧରିତ୍ରୀ ପଣ୍ଡା)

ଔପଦାବାସୀଙ୍କ ପାଇଁ ବ୍ଲକ ସଦର ମହକୁମାରେ ୧୯୪୨ ମସିହା ସ୍ୱାଧୀନତା ପୂର୍ବରୁ ଥିବା ଡାକ୍ତରଖାନାର ଉନ୍ନତିକରଣ ପାଇଁ ବରିଷ୍ଠ ନାଗରିକ ମଞ୍ଚ, ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଅଞ୍ଚଳବାସୀ ଏକାଠି ହୋଇଛନ୍ତି। ଔପଦା ଡାକ୍ତରଖାନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଁ ଶନିବାର ତଳକିଆ ପଞ୍ଚାୟତ ସଭାଗୃହରେ ବୈଠକ ବସିଥିଲା। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମହେନ୍ଦ୍ର ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ମଞ୍ଚର ସଭାପତି ଗୋପାଳ କିଶୋର ଦାସ, ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ଶିକ୍ଷାବିତ୍‌ ଶୁଭେନ୍ଦୁ ପଣ୍ଡା, ଅନ୍ତର୍ଯ୍ୟାମୀ ନାୟକ, ହରିହର ବେହେରା, ଫତେପୁର ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ଗୋଲକ ରାଉତ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ସମେତ ଉପସ୍ଥିତ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୀର୍ଘ ୮୨ ବର୍ଷ ଧରି ଔପଦା ଡାକ୍ତରଖାନା ଅବହେଳିତ ଅବସ୍ଥାରେ ରହିଥିବାରୁ ଏହାର ଉନ୍ନତୀକରଣ ଲାଗି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

## ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

ବାହାନଗା, ୧୨।୨(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ନୂତନ ଓଡଶାଳ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ୧୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତଗୁଡ଼ିକୁ ବିଭାଜନ କରି ପଞ୍ଚାୟତ ପୁନର୍ଗଠନ ପାଇଁ ରାଜ୍ୟ ସରକାର ୨୦୧୬ ମସିହାରେ ଘୋଷଣା କରିଥିଲେ । ସରକାରଙ୍କ ଘୋଷଣା ଅନୁଯାୟୀ ବାହାନଗା ବ୍ଲକରେ ନୂତନ ଭାବେ ୩ଟି ପଞ୍ଚାୟତ ପୁନର୍ଗଠନ କରାଯାଇଥିଲା। ନୂତନ ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧିମାନେ ୨୦୧୭ ମାର୍ଚ୍ଚ ୧୦ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ । ନୂତନ ଭାବେ ଗଠିତ ହୋଇଥିବା ୩ଟି ପଞ୍ଚାୟତ ମଧ୍ୟରୁ ୨ଟି ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ସରିଯାଇଥିଲେ ମଧ୍ୟ ଓଡଶାଳ ପଞ୍ଚାୟତ କାର୍ଯ୍ୟାଳୟର ଗୃହ ନିର୍ମାଣ ଅଦ୍ୟାବଧି ହୋଇପାରୁନାହିଁ । ଏନେଇ ବାହାନଗା ତହସିଲଦାର ୨୦୨୧ରେ ଓଡଶାଳ ଗ୍ରାମର ୨୩୦୦ ନମ୍ବର ପ୍ଲଟରେ ଥିବା ୧୨ ଡିସିମିଲି ଜମି ପଞ୍ଚାୟତ କାର୍ଯ୍ୟାଳୟ ନାମରେ ପଟ୍ଟା ପ୍ରଦାନ କରିଛନ୍ତି। ଏନେଇ ସେତେବେଳେ ସୋର ବିଧାୟକ ପର୍ଶୁରାମ ଧଡାଙ୍କ ଦ୍ୱାରା ସେହି ଜମିରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଭୂମିପୂଜା ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ପଞ୍ଚାୟତ ପ୍ରତିନିଧି ତଥା ପ୍ରଶାସନିକ ଅବହେଳା ଯୋଗୁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ । ଫଳରେ ଗ୍ରାମର ବରିଷ୍ଠ ନାଗରିକ ତଥା ପଞ୍ଚାୟତ ଗଠନର ମୁଖ୍ୟ ଉଦ୍ୟୋକ୍ତା ଅନିରୁଦ୍ଧ ବାରିକ ଏନେଇ ବାଲେଶ୍ୱର ଜିଲାପାଳଙ୍କଠାରେ ୨୦୨୩ ଫେବୃୟାରୀ ୨୭ରେ ଅଭିଯୋଗ କରିଥିଲେ ମଧ୍ୟ ଜିଲାପାଳ ସେତେବେଳେ କିଛି ପଦକ୍ଷେପ ନେଇ ନ ଥିଲେ। ଫଳରେ ଗ୍ରାମବାସୀ ଓ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା ବାରିକ ନିରାଶ ହେବା ପରେ ଶେଷରେ ଉଚ୍ଚ ନ୍ୟାୟଳୟରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଏକ ମାମଲା ରୁଜୁ କରିଥିଲେ। ସେହି ମାମଲାର ବିଚାର କରି ହାଇକୋର୍ଟ ୪ ମାସ ମଧ୍ୟରେ ଓଡଶାଳ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ପ୍ରକାଶ ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅନନ୍ଦ ଖେଳିଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୧୨।୨(ରବିନାରାୟଣ ଖିଲାର)



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍‌ ଅନ୍ତର୍ଗତ ସରସଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତିଲତା ରାଉତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ ଶତବାର୍ଷିକ ସମାରୋହ ପତ୍ରିକା ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍‌ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏବିଇଓ ଅକ୍ଷୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ଏବିଇଓ ମଞ୍ଜୁଳା ନାୟକ, ସିଆରସିସି ବିଶ୍ୱରଞ୍ଜନ ଷେଣ୍ଡ, ଗଦାଧର ବାରିକ, ଗୌରାଙ୍ଗ ଚରଣ ନାଥ, ଜାନକୀ ନନ୍ଦ, ସଞ୍ଜୟ ନନ୍ଦ ଓ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସୁବାସିନୀ ସ୍ୱାଇଁ, ଜୟପ୍ରକାଶ ସ୍ୱାଇଁ, ପ୍ରଜ୍ଞାପରମିତା ସ୍ୱାଇଁ, ବିଡାସିନି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟ କାଳୀନ ସଭାରେ ଗ୍ରାମବାସୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ।

# ‘ବାଟମାରଣା ହେଉଛି କେନ୍ଦ୍ରୀୟ କୃଷକ କଲ୍ୟାଣ ଯୋଜନା’

## ଗ୍ରାମ ପରିକ୍ରମା ଯାତ୍ରାରେ ଭାଜପା କୃଷକ ମୋର୍ଚ୍ଚାର ଅଭିଯୋଗ

ତିହିଡ଼ି,୧୨।୨(ସଞ୍ଜିତ ବଳ)



ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧିତ ଚାଷୀଙ୍କ ସହ ଅତିଥି।

କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ରାଜ୍ୟର କୃଷକମାନଙ୍କ ନିକଟରେ ପହଞ୍ଚି ନ ପାରି ବାଟମାରଣା ହେଉଥିବା ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଅଭିଯୋଗ କରିଛନ୍ତି। କୃଷକ ମୋର୍ଚ୍ଚାର ଗ୍ରାମ ପରିକ୍ରମା ଯାତ୍ରା ଅବସରରେ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ପୀରହାଟ କାନପୁର ପଡ଼ିଆରେ ଲଙ୍କେଶ୍ୱରୀ ମଣ୍ଡଳ ପକ୍ଷରୁ ସୋମବାର ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ସାହୁ ଯୋଗଦେଇ ଭାଜପା ଶାସନ କ୍ଷମତାକୁ ଆସିଲେ ଧାନର ସହାୟକ ମୂଲ୍ୟ ସହିତ ବୋନସକୁ ମିଶାଇ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରାଯିବା ସହ ଚାଷୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ସଙ୍ଗଠିତ ହୋଇ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଅନ୍ୟତମ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର୍ଷଣ ଜେନା, ସୁମିତ୍ରା ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ସଭାପତି ମଙ୍ଗରାଜ ନାୟକ, ଉପସଭାପତି କମଳାକାନ୍ତ ସୂତାର, ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ରାଜାରାମ ମହାକୁଡ଼, ଜିଲା ପ୍ରଭାରୀ ଜିତେନ୍ଦ୍ର ବିଶ୍ୱାଳ, ମୁକ୍ତିକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଜିଲା ଉପସଭାପତି ଦୁର୍ଗାଚରଣ ନାୟଜ, ରଘୁନାଥ ପାତ୍ର, କାହ୍ନୁଚରଣ ବେହେରା, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପଂଚାୟତର ୨୦ଜଣ ଚାଷୀଙ୍କୁ ଅନ୍ନଦାତା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଅଭିଭାଷଣ ଆଭାଷୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା।

# ସାମ୍ବିଧାନିକ ବ୍ୟବସ୍ଥାରେ ଜନସାଧାରଣ ହିଁ ପ୍ରକୃତ ବିଧାଣି

## ୪ ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ

ଖଇରା, ୧୨।୨(ଉତ୍କଳବନ୍ଧୁ ପଣ୍ଡା)



ସାରକୋଣାରେ ସିଆରପି ଓ ଏମବିକେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା, କୁପାରୀ, ନୟାଖଣ୍ଡି ଓ ସାରକୋଣାରେ ପଞ୍ଚାୟତସ୍ତରୀୟ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତନାରେ ପୂର୍ବତନ ସମିତିସଭ୍ୟ ରଘୁନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ବୀଣାପାଣି ପଣ୍ଡା ଯୋଗଦେଇ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଜନସାଧାରଣ ହିଁ ପ୍ରକୃତ ବିଧାଣୀ । ଏଣୁ ପ୍ରତ୍ୟେକ ଯୋଜନାର ଲାଭ କିଭଳି ସେମାନଙ୍କ ନିକଟରେ ପହଞ୍ଚିବ ତାକୁ ନବୀନ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି କହିଥିଲେ। ନିର୍ବାହୀ ଅଧିକାରୀ ସରୋଜ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୁପାରୀ ପଞ୍ଚାୟତରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ବ୍ୟତୀତ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସମିତିସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ବାହୀ ଅଧିକାରୀ ସୁଶାନ୍ତ ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନକୁ ପୁରସ୍କୃତ କରାଯାଇଥିଲା। ନୟାଖଣ୍ଡି ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଏବଂ ସରପଞ୍ଚ ମମତାରାଣୀ ବେହେରା, ସମିତିସଭ୍ୟା ସୋନାଲି ଶତପଥି, ନାଏବ ସରପଞ୍ଚ ବିଚିତ୍ରା ଦାସ, ନିର୍ବାହୀ ଅଧିକାରୀ ଚଗୁଲୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ହୃଦୟ ବେହେରା ଓ ବିପ୍ଳବ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାରକୋଣା ପଞ୍ଚାୟତରେ ମହିଳା ଗୋଷ୍ଠୀର ମୁଖ୍ୟ କୃଷ୍ଣପ୍ରିୟା ଦାସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଧାୟକ ଯୋଗଦେଇ ମମତା, ମଧୁବାବୁ ଭତ୍ତା, ହରିଶ୍ଚନ୍ଦ୍ର ଆଦି ଯୋଜନାରେ ସହାୟତା ରାଶି ବୃଦ୍ଧି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା, ଏମବିକେ, ସିଆରପି, ଅଗ୍ରଣୀ ଚାଷୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସିପି ଶଶିକାନ୍ତ ଦାସ ଓ ଅନୀଲ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

ଭଦ୍ରକ

## 'ଯୁବଶକ୍ତି ସଂସ୍କୃତି ସୁରକ୍ଷା ପାଇଁ ଆଗଭର ହେବା ଆବଶ୍ୟକ'

ଧାମନଗର, ୧୨।୨ (ଦେବେନ୍ଦ୍ର ଆଦିଆ): ଭଦ୍ରକ ଜିଲା ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଇଚ୍ଛାପୁର ବଜରଙ୍ଗବାଲି ଯୁବ ପରିଷଦର ଏକାଦଶତମ ବାର୍ଷିକ ସାଂସ୍କୃତିକ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉଦ୍‌ଘାଟନ କରି ରାଜ୍ୟର ଯୁବଶକ୍ତି ରାଷ୍ଟ୍ରଶକ୍ତି ହୋଇଥିବାରୁ ଏମାନେ ସଂସ୍କୃତି ସଭ୍ୟତାର ସୁରକ୍ଷା ପାଇଁ ସଦାସର୍ବଦା ଆଗଭର ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଧାମନଗର ପ୍ରେସ୍ କ୍ଲବ୍‌ର ସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତାଭାବେ ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥିଭାବେ ବର୍ଷିଆନ ଯାତ୍ରା କଳାକାର ମଣିଭଦ୍ର ବିଶ୍ୱାଳ, ଯୁବନେତା ଶ୍ରୀକାନ୍ତ କୁମାର ନାୟକ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଯାଜପୁର ରୋଟାରୀ କ୍ଲବ୍‌ର ସଭାପତି ଶିକ୍ଷାବିତ୍ ଗିରିଶ୍ ବିହାରୀ ମିଶ୍ର, ବିଶିଷ୍ଟ ହାସ୍ୟ ଅଭିନେତା ମଣିଭଦ୍ର, ଆନନ୍ଦ ବଜାର ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ସାମ୍ବାଦିକ ପ୍ରତାପ ଆଦିଆ, ଶିକ୍ଷକ ଶରତ ଜେନା, ଯୁବ ସାମାଜିକକର୍ମୀ ମାଧବ ଚନ୍ଦ୍ର ମଲ୍ଲିକ ଏବଂ ଯୁବ ଉଦ୍ୟୋଗୀ ଇଂ. ସନ୍ତୋଷ ସାହୁଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ତପନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଳରାମ ଜେନା ସ୍ୱାଗତ ଭାଷଣ ଓ ଲିପନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବକୁ ଖଗେଶ୍ୱର ରାଉତ, ପ୍ରଭଞ୍ଜନ ପ୍ରଧାନ, ସରୋଜ ପ୍ରଧାନ, ବସନ୍ତ ପ୍ରଧାନ, ରଙ୍ଗାଧର ରାଉତ, ବିକାଶ ପ୍ରଧାନ, ପ୍ରଶାନ୍ତ ଜେନା, ପ୍ରଦୀପ ରାଉତ, ସନାତନ ପ୍ରଧାନ ପ୍ରମୁଖ ବଜରଙ୍ଗବାଲି ଯୁବ ପରିଷଦର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ପୌରପାଳିକା ଗେଟ୍‌ରେ ତାଲା ପକାଇଲେ କାଉନ୍‌ସିଲର

### ଗୋଷ୍ଠୀ ଶୌଚାଳୟ କାମ ବିଲ୍ ହେଉନି

ଭଦ୍ରକ, ୧୨।୨ (ସନାତନ ରାଉତ)

ଭଦ୍ରକ ପୌରପାଳିକାର ୩୦ ନଂ. ୱାର୍ଡରେ ନିର୍ମାଣ ସରିଥିବା ଗୋଷ୍ଠୀ ଶୌଚାଳୟର ବିଲ୍ ହୋଇ ନ ଥିବାରୁ କାମ କରିଥିବା ଠିକାଦାର ଶୌଚାଳୟରେ ତାଲା ଝୁଲାଇ ରଖିଛନ୍ତି। ଫଳରେ ଗୋଷ୍ଠୀ ଶୌଚାଳୟ ୱାର୍ଡ଼ବାସୀଙ୍କ କାମରେ ଲାଗିପାରୁନି। ପୌରାଧ୍ୟକ୍ଷା ଦସ୍ତଖତ କରୁ ନ ଥିବାରୁ ବିଲ୍ ପାସ ହୋଇପାରୁନାହିଁ ବୋଲି ଅଭିଯୋଗ କରି ୱାର୍ଡ଼ର କାଉନ୍‌ସିଲର ଉର୍ମିଳା ମାଝୀଙ୍କ ନେତୃତ୍ୱରେ ୱାର୍ଡ଼ବାସୀ ସୋମବାର ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ପୌର ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ପୌରପାଳିକାର କନିଷ୍ଠଯନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ପୂର୍ବରୁ କାଉନ୍‌ସିଲରଙ୍କ ସମେତ ୱାର୍ଡ ବାସିନ୍ଦା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିବାରୁ ସୋମବାର ଗେଟ୍‌ରେ ତାଲା ପକାଇଥିବା କହିଛନ୍ତି। ୭ ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ନ ହେଲେ ଭଦ୍ରକାଳୀ ରାସ୍ତା ଅବରୋଧ ହେବା ସହ ପୌରପାଳିକା ଗେଟ୍ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି କାଉନ୍‌ସିଲର ମାଝୀ ଚେତାବନୀ ଦେଇଛନ୍ତି।


ପୌରପାଳିକା ଗେଟ୍ ଆଗରେ ଧାରଣା।

## 'ମହୋତ୍ସବ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିଥାଏ'


ମହୋତ୍ସବରେ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସମେତ ଅନ୍ୟ ଅତିଥିମାନେ।

ବାସୁଦେବପୁର, ୧୨।୨ (ନାରାୟଣ ପ୍ରସାଦ ବାରିକ୍)

### ସରିଲା ବାସୁଦେବପୁର ମହୋତ୍ସବ

ବାସୁଦେବପୁର ଯାଦବ ପଡ଼ିଆରେ ପୌରପାଳିକା ପକ୍ଷରୁ ଚାଲିଥିବା ବାସୁଦେବପୁର ମହୋତ୍ସବ ବାସୁଦେବାୟନ-୨୦୨୪ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବିପର୍ଯ୍ୟୟ ପ୍ରଶମନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ମହୋତ୍ସବ ଭାଇଚାରାର ପରମ୍ପରା ସୃଷ୍ଟି କରିଥାଏ। ଏତଦ୍‌ଭିନ୍ନ କଳା ସଂସ୍କୃତିର ସୁରକ୍ଷା କରିବା ସହ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିଥାଏ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ବାସୁଦେବପୁର ହେଉଛି ଐତିହ୍ୟ ଓ ସଂଗ୍ରାମର ମାଟି, କଳା ସାହିତ୍ୟ ସଂସ୍କୃତିର ଐତିହ ପରମ୍ପରାର ମଞ୍ଚ ବୋଲି କହିବା ସହ ଏ ମାଟି ଦେଶ ଓ ରାଜ୍ୟକୁ ଦିଗଦର୍ଶନ ଦେଇଛି ବୋଲି କହିଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାରେ ପୌରୋହିତ୍ୟ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାର ପୀତାମ୍ବର ମିଶ୍ର, ଏସ୍‌ଡିପିଓ ସୌରଭ ଓତା, ପାଲା ଗାୟକ ସନାତନ ପୁରୀ, ବିଇଓ ଜଗବନ୍ଧୁ ସାହୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ଶୁଭେନ୍ଦୁ ଭୂଷଣ ବେହେରା, ସମ୍ପାଦକ ଅସିତ ଦାଶ, କୋଷାଧ୍ୟକ୍ଷ ମାନସ ସାହୁଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକ ମଜା ନେଇଥିଲେ।

## ତିନି ମହଲା କୋଠାରୁ ଖସି ଶ୍ରମିକ ମୃତ

ଚାନ୍ଦବାଲି, ୧୨।୨ (କିଷାନ ପାତ୍ର): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅନ୍ତର୍ଗତ ପଞ୍ଚୁଟିକ୍ରୀ ପଞ୍ଚାୟତ କାଦୁଆନାସି ଗ୍ରାମର ଯୁବକଙ୍କ ହାଇଦ୍ରାବାଦରେ ଏକ କୋଠାରୁ ଖସି ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଦିବାକର ମହାଳିକଙ୍କ ପୁଅ ଭାସ୍କର ମହାଳିକ (୪୦)। ସେ ଏକ ମାସ ପୂର୍ବରୁ ଚାନ୍ଦବାଲି ବ୍ଲକ୍ ଘଣ୍ଟେଶ୍ୱର ବଜରାପୁର ପଞ୍ଚାୟତର ଜଣେ ଠିକାଦାରଙ୍କ ସହ କାମ କରିବା ପାଇଁ ହାଇଦ୍ରାବାଦ ଯାଇଥିଲେ। ହାଇଦ୍ରାବାଦର ସିକନ୍ଦରାବାଦ, ରଙ୍ଗାରେଡିଠାରେ କାମ କରୁଥିବା ବେଳେ ସୋମବାର ତିନି ମହଲାରୁ ଖସିପଡ଼ିଥିଲେ। ସାଥି ଶ୍ରମିକମାନେ ତାଙ୍କୁ ମେଡିକାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଭାସ୍କରଙ୍କ ସ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା କରଞ୍ଜମାଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କର ୩ ଝିଅ, ଦୁଇ ପୁଅ ଓ ବୃଦ୍ଧ ବାପା ରହିଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ପୁଅଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ପରିବାରକୁ ସରକାର ଓ ଠିକାଦାର ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦବି କରିଛନ୍ତି।

## ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଜନଜାଗରଣ ସଭା

ଚାନ୍ଦବାଲି, ୧୨।୨ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି କାଳୀପଡ଼ିଆଠାରେ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ସୋମବାର ପରିଷଦ ସଂଯୋଜକ ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ତଥା ପରିଷଦ ଅଧ୍ୟକ୍ଷ ଡ଼. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଦୀର୍ଘ ୯୪.୬ କିଲୋମିଟର ରେଳପଥ ଲାଗି ଚଳିତ ରେଳ ବଜେଟ୍‌ରେ ଅନ୍ୟୁନ ୧୧୧୧ କୋଟି ଟଙ୍କା ମଞ୍ଜୁର କରିବା ଲାଗି ପରିଷଦ ପକ୍ଷରୁ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ମାତ୍ର ରେଳମନ୍ତ୍ରୀ ପ୍ରତିଶ୍ରୁତି ପାଳନ ନ କରି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି କହିଥିଲେ। ପରିଷଦର ଉପସଭାପତି ତଥା ପିସିସି ସମ୍ପାଦକ ମନୋଜ ବିଶ୍ୱାଳ, କଂଗ୍ରେସ ନେତା ଦିଗମ୍ବର ଦାସ, ସଭ୍ୟ ସତ୍ୟାନନ୍ଦ ରାଉତ ଯୋଗଦେଇ ପ୍ରକଳ୍ପ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ୍ କଂଗ୍ରେସ ସଭାପତି ମଗୁଲି ଚରଣ ବେହେରା, ବ୍ଲକ୍ ସଭାପତି ବୈଲୋଚନ ପଣ୍ଡା, ନଗର ସଭାପତି ବଦ୍ରିନାଥ ନାୟକ, ଶକ୍ତି ପ୍ରତାପ ବିଶ୍ୱାଳ, ସଂଗ୍ରାମ ଦାସ, ବୃନ୍ଦାବନ ମହାଳିକ, ଶିକ୍ଷକ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଅତୀତ ଓ ବର୍ତ୍ତମାନର ମିଳନ ହେଉଛି ମହୋତ୍ସବ'

ଭଦ୍ରକ(ସନାତନ ରାଉତ)/ ଆଗରପଡ଼ା(ସୁଶାନ୍ତ ଦାଶ), ୧୨।୨

ଅତୀତର ସ୍ମୃତି, ସାମାଜିକ ପ୍ରଗତି ଓ ବର୍ତ୍ତମାନର ସଂସ୍କୃତିର ମିଳନ ପର୍ବ ହିଁ ମହୋତ୍ସବର ଅନ୍ତଃସ୍ୱର। ଭଦ୍ରକ ଜିଲା ଆଗରପଡ଼ା ନିକଟସ୍ଥ କାନପୁରଠାରେ ଚାଲିଥିବା ୧୦ମ ବାର୍ଷିକ ସାଳନ୍ଦୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ଉକ୍ତ ମତ ରଖିଥିଲେ। ରବିବାର ସନ୍ଧ୍ୟାରେ ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ବକ୍ତାଭାବେ ସାମାଜିକକର୍ମୀ ଚିନ୍ତାମଣି ପାଣିଗ୍ରାହୀ, ଅନ୍ୟତମ ଅତିଥି ମହୋତ୍ସବ କମିଟିର ସଭାପତି ଗଙ୍ଗାଧର ରାଉତ, ସଙ୍ଗୀତ ନିର୍ଦ୍ଦେଶକ ଗୋପୀନାଥ ପାଢ଼ୀ, କମିଟିର କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ, ଅବସରପ୍ରାପ୍ତ ସେନା ଅଧିକାରୀ ନଟବର ଜେନା, ଶିକ୍ଷାବିତ୍ ଗଣେଶ ଚନ୍ଦ୍ର ଜେନା, ପ୍ରଶାନ୍ତ ସେନ୍ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟିର ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ଗୋପବନ୍ଧୁ ପାଣିଗ୍ରାହୀ, ନୀଳମଣି ଧଳ, ଶଙ୍ଖାଳୀ ଚରଣ ରାଉଳ, କୁଶଧ୍ୱଜ ବେହେରା, ରତିକାନ୍ତ ରାଉତ, ଅଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଜଗବନ୍ଧୁ ପାତ୍ରଙ୍କ ବିୟୋଗରେ ସ୍ମୃତି ସଭା

**ଧାମନଗର, ୧୨।୨ (ଦେବେନ୍ଦ୍ର ଆଦିଆ)** ଧାମନଗର ବ୍ଲକ୍ ମୁସ୍ତାଫାପୁର ପଞ୍ଚାୟତ ରଘୁନାଥପୁର ସାମାଜିକ କର୍ମୀ ତଥା ବ୍ୟବସାୟୀ ଜଗବନ୍ଧୁ ପାତ୍ରଙ୍କ ଏକାଦଶାହ ସ୍ମୃତିଚାରଣ ସଭା କୃତିବାସ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମନୋଜ ଜେନାଙ୍କ ସଞ୍ଚାଳନାରେ ଅୟୋଜିତ ସଭାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଶିଶୁ ସୁରକ୍ଷା ମଙ୍ଗଳ ସମିତି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଶିକ୍ଷାବିତ୍ ଘନଶ୍ୟାମ ଥାଟେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅମର ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାନଭାଇ ଯୁଧିଷ୍ଠିର ପାତ୍ର, ବଡପୁଅ ହୃଦାନନ୍ଦ ପାତ୍ର, ମନୋଜ ପାତ୍ର, ରାଜ କିଶୋର ପାତ୍ର, ସରୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

କେନ୍ଦୁଝର

## ଘର ଭିତରୁ ଢାବା ମାଲିକଙ୍କ ମୃତଦେହ ଜବତ

ପାଟଣା, ୧୨।୨ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅଧୀନ ବୁଢ଼ି କାପୁଡି ପଞ୍ଚାୟତ ବେଲପଶି ଗ୍ରାମର ରୋଷେଇ ଘରୁ ଢାବା ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଗ୍ରାମର ହୃଷିକେଶ ନାଏକ(୫୫)। ସେ ତୁରୁମୁଙ୍ଗା ବଜାରରେ ଏକ ଢାବା କରିଥିବା ବେଳେ ପରିବାରଠାରୁ ଅଲଗା ରହୁଥିଲେ। ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ ଓ ଏଏସଆଇ ବିରେନ୍ଦ୍ର କିଶୋର ବେହେରା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୪/୨୪) ରୁଜୁ ହୋଇଛି।

## ଜିଲାସ୍ତରୀୟ କୃଷକ ପଞ୍ଚାୟତ ଶୁଭାରମ୍ଭ

କେନ୍ଦୁଝର, ୧୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ ସଦର ବ୍ଲକ୍‌ର ମଇଦାନକେଲଠାରେ ସୋମବାର ଭାଜପା ପକ୍ଷରୁ କୃଷକ ପଞ୍ଚାୟତର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାର କୃଷକମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ଉତ୍ତରପ୍ରଦେଶର ମା' ଶୁକ୍ଳୁମ୍ବାରୀ ଦେବୀ ମନ୍ଦିର ପରିସରରୁ ଗ୍ରାମ ପରିକ୍ରମା ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏ ନେଇ କେନ୍ଦୁଝର ଲୋକସଭା କ୍ଷେତ୍ର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋ ପୂଜନ ସହ ଲଙ୍ଗଳ ଓ ପାୱାରଟିଲ୍‌କୁ ପୂଜାର୍ଚ୍ଚନା କରାଯାଇଥିଲା। ଉତ୍ତରପ୍ରଦେଶର ମା' ଶୁକ୍ଳୁମ୍ବାରୀ ଦେବୀ ମନ୍ଦିର ପରିସରରୁ ଗ୍ରାମ ପରିକ୍ରମା ଯାତ୍ରାର ସିଧା ପ୍ରସାରଣ ହୋଇଥିଲା। ବହୁ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂହ, କେନ୍ଦୁଝର ନଗରପାଳ ନିକୁ ସାହୁ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ମହିଳା ଉପ ସଭାନେତ୍ରୀ ମମିତା ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ, ଅଖିଳ ଚନ୍ଦ୍ର ନାଏକ, ଦିଲ୍ଲୀପ ପଣ୍ଡା, କିରଣବାଳା ନାୟକ ଉପସ୍ଥିତ ଥିଲେ।

# କେନ୍ଦୁଆକୁ ନାହିଁ ପକ୍କା ରାସ୍ତା

କେନ୍ଦୁଝର, ୧୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

### ଆମ୍ବୁଲାନ୍ସ ଆସିପାରୁନି, ଯାତାୟାତରେ ବାଧା

କେନ୍ଦୁଝର ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ବଦାପଳଶା ପଞ୍ଚାୟତ କେନ୍ଦୁଆ ଗ୍ରାମକୁ ପକ୍କା ରାସ୍ତା ନାହିଁ। କେନ୍ଦୁଝର ସହରରେ ବାଇପାସ ନିର୍ମାଣ ସମୟରେ ରାସ୍ତା ଦେଇ ମୋରମ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ଯୋଗୁ ରାସ୍ତାଟି ଖାଲଖମାରେ ପରିଣତ ହୋଇଯାଇଛି। ଏନେଇ ଅଭିଯୋଗ କଲେ ମଧ୍ୟ ନିର୍ମାଣ ହେଉନାହିଁ। ଫଳରେ ଜରୁରୀକାଳିନ ସେବା ଯୋଗାଉଥିବା ଗାଡ଼ି ଗ୍ରାମକୁ ଆସିପାରୁ ନ ଥିବା ବେଳେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ରାସ୍ତାରେ ଶଙ୍କିରି, ବାଲୁଣିଟାଙ୍ଗର, କଣାପଶି, ସାହାଡ଼ାପୁର, ସେଣ୍ଡକାପ, ମନହୋରପୁର, ବିଶ୍ୱନାଥପୁର, ବନମାଳୀପୁର, ବାଉରୀପଦା, ଜଡ଼ିପଦା, ଝୋଲରା, ପୋଟୋଳ, ହାଣ୍ଡିଭଙ୍ଗା, ଗୋବର୍ଦ୍ଧନ ଆଦି ୨୫ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାଆନ୍ତି। ରାସ୍ତା ଦେଇ ଲୋକେ କେନ୍ଦୁଝର ସହରକୁ ଯାଇଥାନ୍ତି। ନିକଟରେ କେନ୍ଦୁଝର ସହରରେ ମାଲବାହୀ ଗାଡ଼ି ଗମନାଗମନର ସୁବିଧା ପାଇଁ ବାଇପାସ ରାସ୍ତା ନିର୍ମାଣ କରାଯାଇଛି। ଏନେଇ କେନ୍ଦୁଆ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ ଏହି ରାସ୍ତା ଦେଇ ମାଟି, ମୋରମ ସଂଗ୍ରହ କରାଯାଇଥିଲା। ଫଳରେ ଗ୍ରାମର କଚ୍ଚା ରାସ୍ତାଟି ଖାଲ ଢ଼ିପ ହୋଇ ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରେ ରାସ୍ତା ସବୁବେଳେ କାଦୁଅ ପଚପଚ ଓ ପାଣି ଜମୁଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବହୁ ସମୟରେ ସ୍କୁଲ ଯିବା ସମୟରେ କୋମଳମତୀ ଶିଶୁ ଖାଲରେ ପଡ଼ି ଖଣ୍ଡିଆ ଖାବରା ହୋଇଥାନ୍ତି। ଅନେକ ସମୟରେ ରାସ୍ତାଦେଇ ଆମ୍ବୁଲାନ୍ସ ଯାତାୟାତ କରିବା ବି କଷ୍ଟକର ହୋଇପଡୁଛି। ସରକାର ଏ ରାସ୍ତାଦେଇ ମାଟି ମୋରମ ନେଇ ବାଇପାସ ରାସ୍ତା ସମ୍ପୂର୍ଣ୍ଣ କଲେ କିନ୍ତୁ ରାସ୍ତାର ନିର୍ମାଣ କରିବାକୁ ଭୁଲିଗଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିଭିନ୍ନ ଗ୍ରାମ ରାସ୍ତା ଝଲସୁଛି। ମାତ୍ର ବାଉରୀପଦା ଓ ବଦାପଳଶା ପଞ୍ଚାୟତ ସୀମାରେଖା ତଳେ ଥିବା କେନ୍ଦୁଆ ଗ୍ରାମର ୨କି.ମି. ରାସ୍ତା ଉପରେ କାହାରି ଶୁଭ ଦୃଷ୍ଟି ପଡୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ରଞ୍ଜନ ବେହେରା, ଜୟକୃଷ୍ଣ ନାଏକ, ସାମାଜିକ କର୍ମୀ ତୁଳସୀ ପାତ୍ର, ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ବୀଣାପାଣି ନାଏକ, ଶମ୍ଭୁନାଥ ନାଏକ, ବିଦେଶୀ ନାୟକ, ହାଡ଼ିବନ୍ଧୁ ନାଏକ, କାର୍ତ୍ତିକ ମହାକୁଡ଼, ରସାନନ୍ଦ ମହାନ୍ତ, କୁଳମଣି ସିଂ ପ୍ରମୁଖ କହିଛନ୍ତି। ବର୍ଷା ଦିନ ପୂର୍ବରୁ ପିଚୁ କିମ୍ବା କଂକ୍ରିଟ୍ କରିବାକୁ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।



## ମନହରେଶ୍ୱରଙ୍କ ପ୍ରଥମ ବାର୍ଷିକ ଯଜ୍ଞ ମହୋତ୍ସବ



ଢେଙ୍କିକୋଟ, ୧୨।୨ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ମନହରପୁରଠାରେ ଥିବା ଶୈବ ପୀଠ ବାବା ମନହରେଶ୍ୱରଙ୍କର ସୋମବାର ପ୍ରଥମ ବାର୍ଷିକ ଯଜ୍ଞ ମହୋତ୍ସବ ପାଳନ ହୋଇଯାଇଛି। ପୂଜକ ବ୍ରଜେନ୍ଦ୍ର ଦାସ, ମାନସ କୁମାର ପଣ୍ଡା ଏବଂ ଗୋକୁଳାନନ୍ଦ କରଙ୍କ ଦ୍ୱାରା ଯଥାବିଧି ପୂଜା ପାଠ କରିଥିଲେ। ଅଙ୍କୁରା ରୋପଣ, କଳସ ଯାତ୍ରା ପରେ ସୂର୍ଯ୍ୟ ପୂଜା, ଶାଳ ପୂଜା, ମଣ୍ଡଳ ଦେବତା ଆବାହନ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ମନ୍ତ୍ର ପାଠ କରାଯାଇଛି। ଯଜ୍ଞରେ କର୍ତ୍ତା ଭାବେ ଗ୍ରାମର ମୁଖିଆ ତଥା ସରପଞ୍ଚ ଦୁଃଶାସନ ନାୟକ ତାଙ୍କର ସ୍ତ୍ରୀ ଦୁର୍ମିଳା ନାୟକ ଏବଂ ବୈକୁଣ୍ଠ ବେହେରା ତାଙ୍କର ସ୍ତ୍ରୀ ଇନ୍ଦୁମତି ବେହେରା ବସିଥିଲେ। ଭଗବାନ ବେହେରା, ଅଭିମନ୍ୟୁ ବେହେରା, ସିପୁନ ବାରିକ, ରବିନ୍ଦ୍ରନାଥ ଓଝା ଏବଂ ଶଶୀଭୁଷଣ ବାରିକ ପରିଚାଳନା କରୁଛନ୍ତି।

## ମିଡିଆ ମୈତ୍ରୀ କ୍ରିକେଟ୍ ଟୁର୍ନାମେଣ୍ଟ, ଯୋଡ଼ା ବିଜୟୀ

ଯୋଡ଼ା, ୧୨।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟାଷ୍ଟିଲ କେନ୍ଦ୍ରୀୟ ଖେଳପଡ଼ିଆଠାରେ ରବିବାର ଟାଟା ଷ୍ଟିଲ ଆନୁକୂଲ୍ୟରେ ଏକ ଦିବସୀୟ ମିଡ଼ିଆ ମୈତ୍ରୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟ ଟାଟା ଷ୍ଟିଲ କର୍ମଚାରୀ ସମେତ ଯୋଡ଼ା, ବଡ଼ବିଲ, କୋଇଡ଼ା, ଚମ୍ପୁଆ, କେନ୍ଦୁଝର ଅଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ କୋଇଡ଼ା ମିଡିଆ ଓ ଯୋଡ଼ା ମିଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଇଡ଼ା ମିଡିଆ ଦଳ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ୍ ବିନିମୟରେ ୫୫ ରନ୍ ସଂଗ୍ରହ କରିଥିଲା। ଯୋଡ଼ା ମିଡିଆ ଦଳ ବିଜୟ ଲକ୍ଷ୍ୟକୁ ପିଛା କରି ବିଜୟୀ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବରେ ଯୋଡ଼ା ଦଳର ସମୀର କୁମାର ଦାଶ, ମନୀନ୍ଦ୍ର ସୁନ୍ଦର ବାରିକ ଓ କୋଇଡ଼ା ଦଳର ପପୁ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୋଇଡ଼ା ଦଳର ଆକାଶ ଶର୍ମାଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଯୋଡ଼ା ଦଳର କ୍ୟାପଟେନ୍ ଦୀପକ ଶତପଥୀଙ୍କୁ ମ୍ୟାନ ଅଫ୍ ଦ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ (ଓଏମକ୍ୟୁ)ର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଯୋଡ଼ାର ମୁଖ୍ୟ ରାଜେଶ କୁମାର, କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ମୁଖ୍ୟ ରାହୁଲ କିଶୋର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ହୋ ସମାଜ ଉପୁରୁମ ଜୁମୁରର ବାର୍ଷିକ ଉତ୍ସବ

କେନ୍ଦୁଝର, ୧୨।୨ (ଦୀପକ ମିଶ୍ର)

କେନ୍ଦୁଝର ଜିଲାର ଗୁମୁରାଠାରେ ହୋ ସମାଜ ଉପୁରୁମ ଜୁମୁରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ହୋ ଆଦିବାସୀ ସମ୍ପ୍ରଦାୟର ଭଉଣୀ ଭାଇ ଏକତ୍ରିତ ହୋଇ ପାରମ୍ପରିକ ପୋଷାକରେ ହୋ ସମାଜର କଳାକାରଙ୍କ ସହ ନୃତ୍ୟଗୀତ ପରିବେଷଣ କରିଥିଲେ। ଏହି ଅବସରରେ ୫-ଟି ଅନୁଦାନରେ ନିର୍ମିତ ହୋ ସମାଜର ସାଂସ୍କୃତିକ କେନ୍ଦ୍ରକୁ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କର ମହିଳା ଏବଂ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରି ଏବଂ ତାଙ୍କ ସ୍ତ୍ରୀ ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରି, ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜୟ ସିଦ୍ଧୁ, ୫ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଜୟନ୍ତୀ ବାନରା, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, କେନ୍ଦୁଝର ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରବୀନ୍ଦ୍ର ନାଥ କାଲୁଣ୍ଡିଆ, ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକଳାର ଜିଲା ସଭାପତି ରାମରାଇ ମୁନ୍ଦୁୟା, ଉପଦେଷ୍ଟା ଜୀବନ ସିଂ ମୁନ୍ଦୁୟା, ହୋ ସମାଜ ଉପୁରୁମ ଜୁମୁରର ସଭାପତି ସତ୍ୟଜିତ ଲାଗୁରୀ, ଉପଦେଷ୍ଟା ଦୁଃଖବନ୍ଧୁ ମୁଣ୍ଡା, ସମ୍ପାଦକ ସଞ୍ଜୟ ଜାମୁଦା, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ସାମଏଁ ପୂର୍ତ୍ତି, ମୟୂରଭଞ୍ଜ ଜିଲା ମାସ୍କୋ କମିଟି ସଭାପତି ମଟକା ବିରୁଆ, ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ ବୁଲିଉଲି, ସୀତାରାମ ଚାତାର ପ୍ରମୁଖ ଉପସ୍ଥିତ ଥିଲେ। ହୋ ସମାଜ ଉପୁରୁମ ଜୁମୁରର ଯୁଗ୍ମ ସମ୍ପାଦକ ଚିନ୍ମୟ ସୱେ, ସଭାପତି ସତ୍ୟଜିତ ଲାଗୁରି, ପଦ୍ମଲୋଚନ ସୱେ, ପାଙ୍ଗେଲା ମୁଣ୍ଡା ପରିଚାଳନା କରିଥିଲେ।


ହୋ ସମାଜର ସାଂସ୍କୃତିକ କେନ୍ଦ୍ରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ବନାଗ୍ନି ନିରାକରଣ ସଚେତନତା

ପାଟଣା, ୧୨।୨ (ବୀର କିଶୋର ଦାସ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପକ୍ଷରୁ ରବିବାର ବନାଗ୍ନି ନିରାକରଣ ସଚେତନତା ଶିବିର ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡ଼ି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ପାଟଣା ବନପାଳ ପିଅନ ନାଏକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଗାର୍ଡ ଦେବଯାନୀ ମହାନ୍ତ, ତପସ୍ୱିନୀ ନାଏକ, ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ରଞ୍ଜିତ ପଲେଇ ଓ କୃପାଚାର୍ଯ୍ୟ ମହାନ୍ତ ପ୍ରମୁଖ ସାମିଲ ହୋଇ ଜଙ୍ଗଲକୁ ବାନାଗ୍ନି ଦାଉରୁ ରକ୍ଷା କରିବା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଜଙ୍ଗଲରେ ନିଆଁ ନ ଲଗାଇବା ନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ପାରା ଷ୍ଟାଫ୍, ବନ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଡୁମୁରିଆ, ତୋଣ୍ଡ ଓ ଘାଟବାଲି ଯୋଡ଼ି ଗ୍ରାମ ପରିକ୍ରମା କରିଥିଲା।

